ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ଭେଟିଲେ ଉତ୍ତରପ୍ରଦେଶ ଆଇଟି ରାଷ୍ଟ୍ରମନ୍ତ୍ରୀ

## ଆଇଟିର ଉନ୍ନତି ପାଇଁ ଉଭୟ ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବେ

ଭୁବନେଶ୍ୱର, ୦୪/୦୧/୨୦୨୦

ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କ ସହ ଉତ୍ତରପ୍ରଦେଶ ଇଲେକ୍‌ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଜିତ ସିଂ ପାଲ୍‌ଙ୍କର ଏକ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସହ ଆଇଟିଇଏସ୍ ଏବଂ ଇଏସ୍‌ଡିଏମ୍ ଆଦି ବିଷୟ ଉପରେ କିପରି ଉଭୟ ରାଜ୍ୟ ମିଳିତ ହୋଇ କାର୍ଯ୍ୟ କରିପାରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଆୟତନ ଦୃଷ୍ଟିରୁ ଛୋଟ ହୋଇଥିଲେ ମଧ୍ୟ ଓଡ଼ିଶା ଖୁବ୍ କମ ଦିନ ମଧ୍ୟରେ ଆଇଟି କ୍ଷେତ୍ରରେ ଯଥେଷ୍ଟ ଆଗରେ ଅଛି ବୋଲି ଉତ୍ତରପ୍ରଦେଶ ଆଇଟି ମନ୍ତ୍ରୀ ଶ୍ରୀ ପାଲ୍ କହିବା ସହ ଓଡ଼ିଶାକୁ ପ୍ରଶଂସା କରିଥିଲେ । ଏଥି ସହ ଆଇଟି-ଇକୋ ସିଷ୍ଟମ୍‌ର ଉନ୍ନତିକରଣ, ପୁଞ୍ଜିନିବେଶ, ନିଯୁକ୍ତିସୁଯୋଗ ସୃଷ୍ଟି ଏବଂ ସମସ୍ତ ସରକାରୀ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଇଟିର ଭରପୂର ଉପଯୋଗ ଉପରେ ମିଶିକରି ଆଗକୁ ବଢ଼ିବା ଉପରେ ଉଭୟ ଗୁରୁତ୍ୱ ଆରୋପ କରିଥିଲେ । ଓଡ଼ିଶାର ଆଇଟି କ୍ଷେତ୍ର ପ୍ରଗତି ହାସଲ କରିଥିଲେ ମଧ୍ୟ ଆହୁରି ଅଧିକ ବାଟ ଅତିକ୍ରମ କରିବାର ଲକ୍ଷ୍ୟ ରଖିଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିବା ସହ ଆଇଟିର ବିକାଶ ପାଇଁ ଉତ୍ତରପ୍ରଦେଶ ରାଜ୍ୟ ସହିତ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ଓଡ଼ିଶା ଆଗ୍ରହୀ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ବେହେରା ଉତ୍ତରପ୍ରଦେଶ ଆଇଟି ମନ୍ତ୍ରୀ ଶ୍ରୀ ପାଲଙ୍କୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ଫଟୋଚିତ୍ରସମ୍ବଳିତ ଓଡ଼ିଶାର ଏକ କଳାକୃତି ପ୍ରଦାନ କରିଥିବାବେଳେ ଉତ୍ତରପ୍ରଦେଶ ଆଇଟି ମନ୍ତ୍ରୀ ଶ୍ରୀ ପାଲ ଅନୁରୂପ ଭାବରେ ସେଠାକାର କାରିଗରଙ୍କ ଦ୍ୱାରା ନିର୍ମିତ ଏକ ସାଲ୍ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

ସୁଜିତ୍ ରଞ୍ଜନ ସ୍ୱାଇଁ
ସୂଚନା ଅଧିକାରୀ